## ୨୨ ସେପ୍ଟେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ବିଗତ ଖୁତ୍‌ବାରେ ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଭୂମିକା ସଂକ୍ରାନ୍ତିୟ କିଛି ଘଟଣା ଚର୍ଚ୍ଚା କରିଥିଲି । ଆଜି ମଧ୍ୟ ସେହି ପରୀପ୍ରେକ୍ଷୀରେ କେତେକ ଘଟଣାବଳୀ ଉପସ୍ଥାପନ କରିବି । ଯାହାକି ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଏବଂ ଏସବୁ ଜାଣିବା ମଧ୍ୟ ଜରୁରୀ । ଯେପରିକି ପୂର୍ବ ଖୁତ୍‌ବାରେ ଆଲୋଚନା ହୋଇ ସାରିଛି ଯେ, ହଜରତ ମୁହମ୍ମଦସ.ଅ ତିନି ଦିନ ପର୍ଯ୍ୟନ୍ତ ବଦର୍ ରଣକ୍ଷେତ୍ରରେ ଅବସ୍ଥାନ କରିଥିଲେ ଏବଂ ତୃତୀୟ ଦିନ ଆପଣସ.ଅ ସେଠାରୁ ପ୍ରସ୍ଥାନ କରିବାର ଆଦେଶ ଦେଇଥିଲେ । ହଜୁରସ.ଅ ବଦର୍ ରଣଭୂମିରୁ ହିଁ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହ୍ର.ଅ ଓ ହଜରତ ଜୈଦ୍ ବିନ୍ ହାରିସ୍ ର.ଅଙ୍କୁ ବଦର୍ ବିଜୟର ସୁସମାଚାର ପ୍ରଦାନ କରିବା ସକାଶେ ମଦିନା ଅଭିମୁଖେ ପ୍ରେରଣ କରି ଦେଇଥିଲେ । ତତ୍‌ପଶ୍ଚାତ ହଜୁରସ.ଅ ମଦିନା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।

ଏହି ବିଜେତା ଦଳ ସାଥିରେ କୁରୈଶ୍‌ର ୭୦ଜଣ କଏଦୀ ମଧ୍ୟ ସାମିଲ ଥିଲେ । ଇତିହାସ ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି ଯେ, ସେମାନଙ୍କ ମଧ୍ୟରୁ ଦୁଇ ଜଣ କଏଦୀ ନଜର୍ ବିନ୍ ହାରିସ୍ ଓ ଉକ୍‌ବା ବିନ୍ ଅବି ମୁଐତ୍‌ଙ୍କୁ ଯୁଦ୍ଧ ଅପରାଧ ଅନ୍ତର୍ଗତ ରାସ୍ତାରେ ହିଁ ହତ୍ୟା କରିଦିଆ ଯାଇଥିଲା । କିନ୍ତୁ ଏହି ଘଟଣାକୁ ମଧ୍ୟ ସମସ୍ତ ଐତିହାସବିତ୍ ସ୍ୱୀକାର କରନ୍ତୁ ନାହିଁ ଅର୍ଥାତ ସଭିଏଁ ଏଥିରେ ଏକମତ ନୁହନ୍ତି । ଅଲ୍ଲାମା ଇବ୍‌ନେ ଇସହାକ୍ କୁହନ୍ତି; ଯେତେବେଳେ ହଜୁରସ.ଅ ସଫ୍‌ରା ଅଞ୍ଚଳରେ ପହଞ୍ଚିଲେ ସେତେବେଳେ ନଜର ବିନ୍ ହାରିସ୍‌ଙ୍କୁ ହଜରତ ଅଲୀର.ଅ ହତ୍ୟା କରିଦେଲେ । ତାଙ୍କ ଭଗିନୀ ନିଜ ଭ୍ରାତାର ଦେହାନ୍ତରେ କିଛି କବିତା ପାଠ କରିଥିଲେ । ଯେତେବେଳେ ହଜୁରସ.ଅ ଉକ୍ତ କବିତା ଶୁଣିଲେ ସେତେବେଳେ ବହୁତ ରୋଦନ କଲେ ଏବଂ କହିଲେ; ଯଦି ଏହି କବିତା ନଜର୍‌ର ହତ୍ୟା ପୂର୍ବରୁ ମୋ ନିକଟରେ ପହଞ୍ଚି ଥାନ୍ତା ତେବେ ମୁଁ ତାହାକୁ କ୍ଷମା କରି ଦେଇଥାନ୍ତି । କେତେକ ଜୀବନୀ ଲେଖାଳୀ ଏହି ଘଟଣାର ଖଣ୍ଡନ କରନ୍ତି । କିନ୍ତୁ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି ବାସ୍ତବରେ କ'ଣ ଘଟିଥିଲା ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ୍ ର.ଅଙ୍କ ସ୍ୱରଚିତ ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ଉଲ୍ଲେଖ କରିଛନ୍ତି ଯେ, କେତେକ ଐତିହାସିକ କଏଦ ହୋଇଥିବା ଧନାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଉକ୍‌ବା ବିନ୍ ଅବି ମୁଐତ୍ ସାମିଲ ଥିବା ଦର୍ଶାଇ ଲେଖିଛନ୍ତି; ସେ କଏଦୀ ଥିବା ଅବସ୍ଥାରେ ନିହତ ହୋଇଥିଲା । କିନ୍ତୁ ଏହା ସତ୍ୟ ନୁହେଁ । ହଦିସ୍ ଓ ଇତିହାସ ପୃଷ୍ଠାରେ ଅତି ବିସ୍ତାର ଭାବରେ ଉଲ୍ଲେଖିତ ରହିଛି ଯେ, ଉକ୍‌ବା ବିନ୍ ଅବି ମୁଐତ୍ ବଦର୍ ରଣଭୂମିରେ ନିହତ ହୋଇଥିଲା ଏବଂ କୁରୈଶ୍‌ର ସେହି ଧନାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଥିଲା ଯାହାଙ୍କ ମରଶରୀରକୁ ଏକ ଗର୍ତ୍ତରେ ପୋତି ଦିଆଯାଇଥିଲା । କିନ୍ତୁ ହଁ ନଜର୍ ବିନ୍ ହାରିସ୍‌ର ହତ୍ୟା ହେବା ଘଟଣା ଅଧିକାଂଶ ବର୍ଣ୍ଣନାରୁ ପ୍ରତୀତ ହେଉଛି ଏବଂ ତାହାକୁ ହତ୍ୟା କରିବାର କାରଣ ଏହା ଥିଲା କି ସେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଯେ ମକ୍କାରେ ନିରୀହ ମୁସଲମାନମାନଙ୍କର (ନିର୍ମମ ଭାବରେ) ହତ୍ୟାକାଣ୍ଡରେ ସିଧାସଳଖ ଜଡ଼ିତ ଥିଲା । କିନ୍ତୁ ଏହା ନିରାଟ ସତ୍ୟ

ଯେ, ଯଦି ବଦରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ କେହି ନିହତ ହୋଇଥିଲା ତେବେ ସେ ନଜର୍ ବିନ୍ ହାରିସ୍ ଥିଲା, ଯାହାକୁ ପ୍ରତିଶୋଧ ମୂଳକ ହତ୍ୟା କରା ଯାଇଥିଲା ।

ବସ୍ତୁତଃ ବଦର୍ ରଣକ୍ଷେତ୍ରରେ ଅମାନ୍ୟକାରୀଙ୍କର ବଡ଼ ବଡ଼ ସରଦାର ସମେତ ୭୦ଜଣ ନିହତ ହୋଇଥିଲେ ଏବଂ ୭୦ଜଣ କଏଦ ମଧ୍ୟ ହୋଇଥିଲେ । ସହି ବୁଖାରୀରେ ଉଲ୍ଲେଖ ରହିଛି ଯେ, ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ଓ ଆପଣଙ୍କ ସହଚରମାନେ ବଦର୍ ଯୁଦ୍ଧ ଦିନ ଅମାନ୍ୟକାରୀଙ୍କ ୧୪୦ଜଣ ବ୍ୟକ୍ତିଙ୍କୁ କ୍ଷତି ପହଞ୍ଚାଇ ଥିଲେ ଅର୍ଥାତ ଶତ୍ରୁ ପକ୍ଷର ୭୦ଜଣ ନିହତ ଏବଂ ୭୦ଜଣ କଏଦ ହୋଇଥିଲେ ।

ସାହାବାମାନେ ସେହି କଏଦୀମାନଙ୍କ ସହିତ ଅତି ବିନମ୍ର ଆଚରଣ ପ୍ରଦର୍ଶନ କରୁଥିଲେ । ଫଳତଃ ସେମାନଙ୍କ ମଧ୍ୟରୁ କେତେକ ସୌଭାଗ୍ୟଶାଳୀ କଏଦୀ ଏପରି ଥିଲେ ଯେ ଇସଲାମୀୟ ଶିକ୍ଷା ଓ ସାହାବାଙ୍କ ଉତ୍ତମ ଆଚରଣ ଦ୍ୱାରା ପ୍ରଭାବିତ ହୋଇ ମୁସଲମାନ ପାଲଟି ଯାଇଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ଯଥାକ୍ରମେ ଅବ୍‌ବାସ ବିନ୍ ଅବଦ୍ଦୁଲ୍ ମୁତଲିବ୍, ଅକିଲ୍ ବିନ୍ ଅବି ତାଲିବ୍, ନୌଫିଲ୍ ବିନ୍ ହାରିସ୍, ଅବୁଲ୍ ଆସ୍ ବିନ୍ ରବିଆ, ଅବୁ ଅଯିଯ୍, ଖାଲିଦ୍ ବିନ୍ ହିଶାମ୍, ଅବୁ ଓଦାଆ ବିନ୍ ସହ୍‌ମି, ଅବଦ୍ଦୁଲ୍ଲାଃ ବିନ୍ ଅବି ବିନ୍ ଖଲଫ୍ ଜମହି, ଓ୍ୱହବ୍ ବିନ୍ ଉମେର୍ ଜମହି, ସୋହେଲ୍ ବିନ୍ ଉମର୍ ଓ ଆମ୍‌ରୀ ଇତ୍ୟାଦି । ଏମାନେ ସମସ୍ତେ ନିଜର ଫିଦ୍‌ୟା ପରିଶୋଧ କରି ଇସଲାମ୍ ଧର୍ମର ଦୀକ୍ଷା ନେଇଥିଲେ ।

ବଦର୍ ଯୁଦ୍ଧ ସହିତ ରୋମୀ ସାମ୍ରାଜ୍ୟ ବିଜୟ ହେବାର ଏକ ସମ୍ପର୍କ ମଧ୍ୟ ରହିଛି । ରୋମ ସାମ୍ରାଜ୍ୟ ଜୟ କରିବା ପ୍ରସଙ୍ଗରେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ[ସ.ଅ] ଭବିଷ୍ୟବାଣୀ ମଧ୍ୟ କରିଥିଲା । ଯେହେତୁ ଏହାର ଏକ ସମ୍ପର୍କ ବଦର୍ ଯୁଦ୍ଧ ସହିତ ରହିଛି ତେଣୁ ଏହିସ୍ଥଳେ ତାହାର ଆଲୋଚନା କରିଦେବା ମଧ୍ୟ ପ୍ରଯୁଜ୍ୟ । ନବୁଓ୍ୱତ୍‌ର ପଞ୍ଚମ ବର୍ଷରେ ସୁରାଃ ରୋମ୍ ଅବତୀର୍ଣ୍ଣ ହେଲା, ଯେଉଁଥିରେ ରୋମୀ ସାର୍ବଭୌମତ୍ୟର ବିଜୟ ପ୍ରସଙ୍ଗରେ ଭବିଷ୍ୟତ ବାଣୀ କରାଯାଇଥିଲା । ଯେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ଏହାର ପ୍ରାରମ୍ଭିକ ଆୟତ୍ ଅବତୀର୍ଣ୍ଣ କଲେ ସେତେବେଳେ ହଜରତ ଅବୁବକର[ର.ଅ] ମକ୍କାର ଚର୍ତୁପାର୍ଶ୍ୱରେ ଉକ୍ତ ଆୟତ୍ ଆବୃତ୍ତି କରି ଘୋଷଣା କଲେ ଅଲିଫ୍ ଲାମ୍ ମିମ୍ ଗୁଲିବତିର୍ ରୋମ୍ ଫିଅଦ୍‌ନଲ୍ ଅର୍‌ଜି ଓହୁମ୍ ମିନ୍ ବାଦି ଗଲବିହିମ୍ ସୟୁଗ୍‌ଲିବୁନ୍ ବିଜ୍‌ଆ ସିନିନ୍ ଅର୍ଥାତ ଆମ୍ଭେ ଅଲ୍ଲାଃ ସକଳ ବିଷୟ ଆଗୋଚର । ରୋମବାସୀମାନେ ପରାଜିତ ହୋଇଛନ୍ତି । ନିକଟବର୍ତ୍ତୀ ଅଞ୍ଚଳରେ ଏବଂ ପରାଜିତ ହେବାପରେ ପୁନର୍ବାର ଜୟ ଲାଭ କରିବେ । ତିନିରୁ ନଅ ବର୍ଷ ମଧ୍ୟରେ । ହଦିସ୍ ସହି ବୁଖାରୀରେ ଉଲ୍ଲେଖ ରହିଛି ଯେତେବେଳେ ପାରସ୍ୟବାସୀ ଓ ରୋମବାସୀଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା, ମୁସଲମାନମାନେ ଚାହୁଁ ଥିଲେ କି ରୋମୀମାନେ ବିଜୟ ଲାଭ କରନ୍ତୁ । କାରଣ ସେମାନେ ଗ୍ରନ୍ଥଧାରୀ ଥିଲେ । ଯେତେବେଳେ କି ଅମାନ୍ୟକାରୀ କୁରୈଶମାନେ ପାରସ୍ୟର ବିଜୟ କାମନା କରୁଥିଲେ । କାରଣ ସେମାନେ ଅଗ୍ନି ପୂଜକ ଥିଲେ । ଏହି ପ୍ରସଙ୍ଗକୁ ନେଇ ହଜରତ ଅବୁବକର[ର.ଅ] ଓ ଅବୁ ଜହଲ୍ ମଧ୍ୟରେ ସର୍ତ୍ତ ଲାଗିଲା । ହଜରତ ଅବୁବକର[ର.ଅ] ଏହି ଭବିଷ୍ୟତ ବାଣୀ ପାଞ୍ଚ ବର୍ଷ ମଧ୍ୟରେ ପୂରଣ ହେବାର ଦର୍ଶାଇ ଥିଲେ । ଏକଥା ଶୁଣି ହଜୁର[ସ.ଅ] କହିଲେ; ଉକ୍ତ ଆୟତରେ ଶବ୍ଦ ବିଜ୍‌ଆ ରହିଛି ଏବଂ ବିଜ୍‌ଆ ତ ୯ ଅଥବା ୭ ଅର୍ଥରେ ବ୍ୟବହାର କରାଯାଏ । ସୁତରାଂ ତୁମେ ସମୟ କାଳକୁ ବଢ଼ାଇ ଦିଅ । ବସ୍ତୁତଃ ହଜରତ ଅବୁବକର[ର.ଅ] ଧାର୍ଯ୍ୟ ଅବଧି ବଢ଼ାଇ ଦେଇଥିଲେ । ଅତଃ ଶେଷରେ ରୋମୀମାନେ ଜୟଯୁକ୍ତ ହେଲେ । ଶାବୀ କୁହନ୍ତି, ସେତେବେଳେ ସର୍ତ୍ତ ଲଗାଇବା ଇସଲାମ୍‌ରେ ବୈଧ ଥିଲା ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଯେଉଁ ଘଟଣା ପ୍ରସଙ୍ଗରେ ଭବିଷ୍ୟତ ବାଣୀ କରିଥିଲେ ସେଥିରେ ରୋମର ଏକ ସ୍ପଷ୍ଟ ଓ ଅପ୍ରଚ୍ଛନ୍ନ କାଳଜୟୀ ସୁସମାଚାର ବିଦ୍ୟମାନ ଥିଲା । ଆରବର ଉଭୟ ପାର୍ଶ୍ୱରେ ପାରସ୍ୟ ଓ ରୋମର ରାଜତି ଚାଲିଥିଲା ଏବଂ ଉଭୟ ଦେଶ ମଧ୍ୟରେ ଦୀର୍ଘ କାଳରୁ ସଂଘର୍ଷ ଲାଗି ରହିଥିଲା । ନବୁଓ୍ୱତ୍‌ର ପଞ୍ଚମ ବର୍ଷ ଅର୍ଥାତ ୬୧୪ଖ୍ରୀଷ୍ଟାବ୍ଦରେ ଉଭୟ ଦେଶ ମଧ୍ୟରେ ଏକ ଭୀଷଣ ରକ୍ତପାତ ପୂର୍ଣ୍ଣ ଯୁଦ୍ଧ ଘଟିଲା । ଯେଉଁଥିରେ ରୋମୀ ସାମ୍ରଜ୍ୟର ମେରୁଦଣ୍ଡ ଭାଙ୍ଗିଗଲା ଏବଂ ସମସ୍ତଙ୍କ ଆଶା ବିପରୀତ ପରିଣାମ ଉଦ୍ଭୃତ ହେଲା । ଅମାନ୍ୟକାରୀମାନେ ମୁସଲମାନମାନଙ୍କୁ ଉପହାସ ପୂର୍ବକ ଇଙ୍ଗିତ କଲେ, ଯଦି ତୁମେ ଆମ ସହିତ ଲଢ଼ିଥାନ୍ତ ତେବେ ଆମେ ନିଶ୍ଚିତ ରୂପେ ବିଜୟ ଲାଭ କରିଥାନ୍ତୁ । ସେତେବେଳେ ରୋମୀମାନଙ୍କର ଅବସ୍ଥା ଅତି ଦୟନୀୟ ଥିଲା ଅର୍ଥାତ ସେମାନଙ୍କ ଭଣ୍ଡାରଘର ଖାଲି ଓ ସେନା ବାହିନୀ ବିକ୍ଷିପ୍ତ ହୋଇ ଯାଇଥିଲା । ଦେଶରେ ବିଦ୍ରୋହ ମୁଣ୍ଡ ଟେକି ଚାଲିଥିଲା । ଆଉ ହରକଲ୍ ଏକ ବିଳାସଭୋଗୀ ଏବଂ ସମ୍ପୂର୍ଣ୍ଣ

ରୂପେ ଅପାରଗ ଓ ଅଯୋଗ୍ୟ ସମ୍ରାଟ ଥିଲା । ପାରସ୍ୟମାନେ ରୋମୀମାନଙ୍କୁ କ୍ଷତି ପୂରଣ ଆକାରରେ କଠୋର ସର୍ତ୍ତ ଧାର୍ଯ୍ୟ କରିଥିଲେ ଅର୍ଥାତ ସୁନା, ରୂପା, ରେଶମ ଥାନ ଓ ଏକ ହଜାର ଯୁବତୀ କନ୍ୟା ତାଙ୍କ ଅଧିନ କରିବାର ଆଦେଶ ପ୍ରଣୟନ କରିଥିଲେ । ସେତେବେଳେ ରୋମୀମାନେ ଏପରି ଶକ୍ତିହୀନ ହୋଇ ପଡ଼ିଥିଲେ ଯେ, ସେମାନେ ଏହି ନିର୍ଲଜତା ପୂର୍ଣ୍ଣ ସର୍ତ୍ତ ସ୍ୱୀକାର କରିନେଲେ । ପାର୍ସୀମାନଙ୍କ ଅହଂକାରୀ ରାଜା ଖୁସ୍‌ରୁ କହିଲା, ମୋତେ ଏସବୁ ଦରକାର ନାହିଁ । ବରଂ ମୁଁ ହରକଲ୍‌କୁ ଶିକୁଳିରେ ବନ୍ଦୀ ହୋଇ ନିଜ ସିଂହାଶନ ତଳେ ଦେଖିବାକୁ ଚାହେଁ ଏବଂ ସେ ଆମ ସୂର୍ଯ୍ୟ ଦେବତାଙ୍କ ସମକ୍ଷ ନତମସ୍ତକ ହେଲେ ଯାଇ ମୁଁ ଏହି ସର୍ତ୍ତ ସ୍ୱୀକାର କରିବି ।

ରଚନାକାରୀ ଲେଖିଛନ୍ତି ଯେ, ବିଦ୍ୱାନ କାରଯାର୍ (ନାମ) ଏହି ନକ୍ସା ଅଙ୍କନ କରିଥିଲା ଯେ, ରଣଭୂମି ଠାରୁ ବହୁ ଦୂରରେ ଅବସ୍ଥିତ ଏକ ଶୁଷ୍କ ଓ ଅନାବାଦୀ ପାହାଡ଼ିଆ ଜମିରୁ ଜଣେ ଶାନ୍ତିର ଦୂତ (ଯୁବରାଜ) ଆବିର୍ଭାବ ହେଲେ । ସେ ଏପରି ପ୍ରତିକୂଳ ପରିସ୍ଥିତିରେ ଏକ ସମ୍ପୂର୍ଣ୍ଣ ବିପରୀତ ଭବିଷ୍ୟତ ବାଣୀ ଅର୍ଥାତ ରୋମର ବିଜୟ ହେବାର ଘୋଷଣା କଲେ । ରଚନାକାରୀ ଲେଖିଛନ୍ତି ଯେ, ଏହି ଭବିଷ୍ୟତ ବାଣୀ ପ୍ରତ୍ୟେକ ଦିଗରୁ ଅବିଶ୍ୱାସ ଯୋଗ୍ୟ ଓ ମନୁଷ୍ୟ କଳ୍ପନା ବହିର୍ଭୂତ ପ୍ରସଙ୍ଗ ଥିଲା । ଅର୍ଥାତ ବହୁ ଦୂରେ ସମ୍ଭବ ହେବା ପରି ମନେ ହେଉଥିଲା । ତେଣୁ (ମକ୍କାର) ଅମାନ୍ୟକାରୀମାନେ ଏହି ଭବିଷ୍ୟତ ବାଣୀ ପୂରଣ ହେବାକୁ ନେଇ ମୁସଲମାନଙ୍କ ସହିତ ଅନେକ ଓଟ ସର୍ତ୍ତରେ ଲଗାଇ ଦେଲେ । ଏବେ ଉକ୍ତ ଦୁଇ ମହାଶକ୍ତି ଉପରେ ମୁସଲମାନ ଓ ଅମାନ୍ୟକାରୀ ଉଭୟେ ଅତି ତୀକ୍ଷ୍ଣ ଦୃଷ୍ଟି ରଖି ଅପେକ୍ଷାରତ ଥିଲେ ଯେ, ଶେଷରେ କିଛି ବର୍ଷରେ ହିଁ ସମଗ୍ର ସଂସାରବାସୀ ନିଜ ଆଶା ବିପରୀତ ଘଟଣା ଘଟିବା ଅବଲୋକନ କରିନେଲେ ।

ରୋମର ଅର୍ଦ୍ଧପତନ ପ୍ରସଙ୍ଗରେ ସୁପ୍ରସିଦ୍ଧ ଐତିହାସିକ **ଏଡ଼ୱାର୍ଡ଼ ଗବନ୍** ହରକଲ୍‌ର ଅବସ୍ଥା ସମ୍ପର୍କରେ ଉଲ୍ଲେଖ କରନ୍ତି- ରୋମର ରାଜଧିରାଜ ନିଜର ଶେଷ ସମୟରେ ଏକ ଅସହାୟ ଦେଖଣାହାରୀ ପାଲଟି ଯାଇଥିଲା । ହରକଲ୍‌ର ସ୍ୱଭାବରେ ହଠାତ୍ ବିପ୍ଳବର ସୂତ୍ରପାତ ହେବା ଓ ଘଟଣାଚକ୍ରରେ ଏପରି ଅଦ୍ଭୁତପୂର୍ବ ପରିବର୍ତ୍ତନ ତଥା ତାହାର ମୂଳ କାରଣ ପ୍ରସଙ୍ଗରେ ରୋମର ଇତିହାସ ପୃଷ୍ଠାରେ ବିସ୍ତାରିତ ଭାବରେ ବେଶ୍ ଅଜବ ଅଜବ କାହାଣୀମାନ ରଚନା କରାଯାଇଛି । କିନ୍ତୁ ଗବନ୍ ଉଲ୍ଲେଖ କରିଛି, ସେମାନଙ୍କୁ କ'ଣ ବା ଜଣା ଯେ, ଏହି ରକ୍ତପାତ ପୂର୍ଣ୍ଣ ଯୁଦ୍ଧକ୍ଷେତ୍ରରୁ କାହିଁ କେତେ ଦୂରରେ ବାସ କରୁଥିବା ଜଣେ ଈଶ୍ୱରଦୂତଙ୍କ ହସ୍ତ ନା ରୋମୀମାନଙ୍କ ସାହାଯ୍ୟ ପାଇଁ ପ୍ରଶସ୍ତ ହୋଇଥିଲା ଏବଂ ତାହା ହିଁ ସେହି ମହାବିପ୍ଳବ ଓ ଅଦ୍ଭୁତପୂର୍ବ ପରିବର୍ତ୍ତନ ଆଣିବାର ସର୍ବବୃହତ ଆଧ୍ୟାତ୍ମିକ ହେତୁ ସାବ୍ୟସ୍ତ ହୋଇଥିଲା । ମୁସତଦରିକ୍ ଓ ଜାମେ ତିରମିଜି (ହଦିସ୍‌ର ପୁସ୍ତକରେ) ଉଲ୍ଲେଖ ରହିଛି ଯେ, ରୋମ ଓ ପାରସ୍ୟ ମଧ୍ୟରେ ଯେତେବେଳେ ଯୁଦ୍ଧର ସୂତ୍ରପାତ ହେଲା ସେତେବେଳେ ଅମାନ୍ୟକାରୀମାନେ ପାରସ୍ୟବାସୀଙ୍କ ସପକ୍ଷରେ ଥିଲେ । କାରଣ ପାରସ୍ୟବାସୀ ମଧ୍ୟ ପ୍ରତିମା ପୂଜକ ଥିଲେ ଏବଂ ମୁସଲମାନ ରୋମୀମାନଙ୍କର ସମର୍ଥନ କରୁଥିଲେ । କାରଣ ସେମାନେ ଗ୍ରନ୍ଥଧାରୀ ଥିଲେ । ହଠାତ୍ ୬୨୧ ମସିହାରେ ହରକଲ୍ ରଣକ୍ଷେତ୍ରର ସେଜର୍ (ମହବଳ ବାଘ) ପାଲଟିଗଲା । ଏପରି ଆରବର ଅପାଠୁଆ ନବୀଶ୍ରେଷ୍ଠଙ୍କ ଭବିଷ୍ୟତ ବାଣୀ ଅକ୍ଷର ଅକ୍ଷରେ ପୂରଣ ହେଲା । ଠିକ୍ ସେହି ସମୟରେ ଯେତେବେଳେ କି ମୁସଲମାନମାନେ ବଦର୍ ରଣକ୍ଷେତ୍ରର ଅମାନ୍ୟକାରୀଙ୍କୁ ପରାସ୍ତ କଲେ, ରୋମୀମାନେ ମଧ୍ୟ ପାରସ୍ୟ ସେନାଙ୍କୁ ନିପାତ କରିଦେଲେ ।

ଅନେକ ଯୁବକ ଓ ଯୁବାବସ୍ଥାରେ ପଦାର୍ପଣ କରୁଥିବା ପିଲାମାନେ ମୋତେ ପତ୍ର ଲେଖୁଛନ୍ତି- ଆମକୁ କିପରି ଜ୍ଞାତ ହେବ ଯେ ଇସଲାମ ଏକ ସତ୍‌ଧର୍ମ ଏବଂ ହଜରତ ମୁହମ୍ମଦ[ସ.ଅ] ଜଣେ ସତ୍ୟବାଦୀ ନବୀ ? ଏଠାକାର ପରିବେଶ ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କଲାଣି । ସେମାନଙ୍କୁ ଅଣଅହେମଦୀଙ୍କ ମନ୍ତବ୍ୟ ଓ ପବିତ୍ର କୁରଆନ୍‌ର ଭବିଷ୍ୟତ ବାଣୀ ପ୍ରତି ଦୃଷ୍ଟି ନିକ୍ଷେପ କରିବା ଉଚିତ୍ । ପିତାମାତା ନିଜେ ଅଧ୍ୟୟନ କରିବା ସହିତ ନିଜ ସନ୍ତାନମାନଙ୍କୁ ସେହି ଭବିଷ୍ୟତ ବାଣୀଗୁଡ଼ିକ ଦେଖାନ୍ତୁ ଏବଂ ସେମାନଙ୍କୁ ଏହା ବୁଝାନ୍ତୁ ଯେ, କିପରି ଏସବୁ ଇସଲାମର ସତ୍ୟତା ପ୍ରତିପାଦନ କରୁଅଛି । ଅଭିଭାବକ ଓ ସେମାନଙ୍କ ଯୁବପିଢ଼ୀକୁ ନିଜ ଜ୍ଞାନରେ ଅଭିବୃଦ୍ଧି କରିବା ଆବଶ୍ୟକ । କେବଳ ପ୍ରଶ୍ନ କରିଦେବା ଯଥେଷ୍ଟ ନୁହେଁ । ଯଦି ପ୍ରଶ୍ନ ପଚାରିବାକୁ ଆଗେଇ ଆସୁଛନ୍ତି ତେବେ ସର୍ବପ୍ରଥମେ ଜ୍ଞାନ ଆହରଣ କରନ୍ତୁ । ଆମର ଅନ୍ତଃ ବିଭାଗଗୁଡ଼ିକୁ ମଧ୍ୟ ଏହି ବିଷୟରେ ସକ୍ରିୟ ହେବା ଉଚିତ୍ ।

ଇତିହାସରୁ ପ୍ରମାଣିତ ଯେ, ୬୦୯ଖ୍ରୀଷ୍ଟାବ୍ଦରେ ପୁଣ୍ୟଶ୍ଲୋକ ହଜରତ ମୁହମ୍ମଦ [ସ.ଅ]ଙ୍କର ଆବିର୍ଭାବ ହୋଇଥିଲା । ୬୧୦ଖ୍ରୀଷ୍ଟାବ୍ଦରେ ପାରସ୍ୟବାସୀ ଓ ରୋମବାସୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହେଲା ଏବଂ ୬୧୩ଖ୍ରୀଷ୍ଟାବ୍ଦରେ ଦୁଇ

ଦେଶ ପରସ୍ପର ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ୬୧୪ଖ୍ରୀଷ୍ଟାବ୍ଦରୁ ରୋମୀମାନେ ପତିତ ହୋଇ ଚାଲିଲେ ଏବଂ ୬୧୬ଖ୍ରୀଷ୍ଟାବ୍ଦରେ ରୋମୀମାନେ ବିଶଦ ରୂପେ ପରାଜୟ ବରଣ କଲେ । କିନ୍ତୁ ୬୨୨ଖ୍ରୀଷ୍ଟାବ୍ଦରେ ରୋମୀମାନେ ପୁନଶ୍ଚ ଆକ୍ରମଣ କରିବା ଆରମ୍ଭ କଲେ ଏବଂ ୬୨୩ଖ୍ରୀଷ୍ଟାବ୍ଦରେ ସେମାନେ ବିଜୟର ସ୍ୱାଦ ଆସ୍ୱାଦନ କରିବା ଆରମ୍ଭ କଲେ । ଅନ୍ତତଃ ୬୨୫ଖ୍ରୀଷ୍ଟାବ୍ଦରେ ସେମାନଙ୍କୁ ପୂର୍ଣ୍ଣ ରୂପେ ବିଜୟ ପ୍ରାପ୍ତ ହେଲା । ଏହି କ୍ରମଶଯ୍ୟାକୁ ଦେଖିଲେ ସେହି ଭବିଷ୍ୟତ ବାଣୀର ବିଶେଷତା ଦୃଶ୍ୟମାନ (ସିଦ୍ଧ) ହୋଇଥାଏ କି ରୋମୀମାନଙ୍କ ପରାଜିତ ହେବା ଠାରୁ ପ୍ରାରମ୍ଭିକ ବିଜୟ ଲାଭ କରିବାର ଅବଧି ସମାନ ୯ବର୍ଷ ଅଟେ । ଆଉ ଯଦି ଅନ୍ତିମ ପରାଜୟ ଠାରୁ ପ୍ରାରମ୍ଭିକ ବିଜୟ ଲାଭ କରିବା ପର୍ଯ୍ୟନ୍ତ ଅବଧି ଗଣନା କରାଯାଏ ତେବେ ମଧ୍ୟ ତାହା ୯ବର୍ଷ ହିଁ ହେଉଛି । ସେହି ବିଜୟ ଲାଭ ପରେ ହରକଲ୍ ପୁନର୍ବାର ବିଳାସଭୋଗୀ ଓ ଆଳସ୍ୟ ପସନ୍ଦ ଶାସକ ପାଲଟିଗଲା । ଏପରି ପ୍ରତୀତ ହେଉଥିଲା ଯେମିତି ପ୍ରକୃତିର ହସ୍ତ କିଛି ବର୍ଷ ପାଇଁ ତାହାର ବୁଦ୍ଧିଜ୍ଞାନ ନେତ୍ରକୁ ଚେଇଁ ଦେଇଥିଲା ଏବଂ ଭବିଷ୍ୟତ ବାଣୀ ପରେ ତାହାକୁ ଭୋଳାପଣ ଓ ଅୟଶ୍ର ଶେଜରେ ସୁଆଇ ଦେଲା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କ କାଳରେ ପାରସ୍ୟବାସୀ ଅନେକଶ୍ୱରବାଦୀ ଥିଲେ ଏବଂ କେସର୍ ରୋମ ଏକଶ୍ୱରବାଦୀ ଥିଲା । ସେମାନେ ମରିୟମ୍ ପୁତ୍ର ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ମଣୁ ନଥିଲେ । ଏହି ପ୍ରାସଙ୍ଗିକତାରେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହୋଇଥିଲା ଯେତେବେଳେ ରୋମୀମାନଙ୍କ ଭିତ୍ତିଭୂମି ଉପୁଡ଼ି ପଡ଼ିଥିଲା ଏବଂ ସେମାନେ ପୂର୍ଣ୍ଣ ରୂପେ ଧରାଶାୟୀ ହୋଇ ଯାଇଥିଲେ । ଏପରି ଦାରୁଣ ଦୁଃଖ ସମୟରେ ପରାକ୍ରମୀ ପରମେଶ୍ୱର ତାଙ୍କୁ ବିଜୟର ସୁସମାଚାର ପ୍ରଦାନ କରିଥିଲେ ଯେ, ଯେତେବେଳେ ମୁସଲମାନମାନଙ୍କୁ ବିଜୟ ଲାଭ ହେବ ସେତେବେଳେ ରୋମୀମାନେ ମଧ୍ୟ ଜୟଯୁକ୍ତ ହେବେ ।

ବର୍ତ୍ତମାନ ଅନୁଧ୍ୟାନ କରି ଦେଖନିଅ ଯେ, ଏହି ଅଭୂତପୂର୍ବ ଓ ଭବ୍ୟ ଭବିଷ୍ୟତ ବାଣୀ ଏପରି ଅବସ୍ଥାରେ କରାଯାଇଥିଲା ଯେତେବେଳେ ମୁସଲମାନମାନେ ଅତି ଦୁର୍ବଳ ଓ ଅସହାୟ ଅବସ୍ଥା ମଧ୍ୟ ଦେଇ ଗତି କରୁଥିଲେ । ନା ସେମାନଙ୍କ ନିକଟରେ କୌଣସି (ଯୁଦ୍ଧ) ସରଞ୍ଜାମ ଥିଲା ନା ହିଁ କୌଣସି ଶକ୍ତି, ସମର୍ଥନ ଏବଂ ଏପରି ଅବସ୍ଥାରେ ବିରୋଧିମାନେ କହୁଥିଲେ ଏହି କ୍ଷୁଦ୍ର ଦଳଟି ଖୁବ୍ ଶୀଘ୍ର ନିପାତ ହୋଇଯିବ । ଏପରିକି ସେମାନେ ସମୟ ମଧ୍ୟ ନିର୍ଦ୍ଧାରଣ କରି ଦେଇଥିଲେ । ପୁନଃ ୟୋମଇଜିନ୍ ୟଫ୍‌ରହୁଲ୍ ମୁଉମିନୁନ୍ କହି ଦୁଇଟି ଭବିଷ୍ୟତ ବାଣୀ ଅର୍ଥାତ ପ୍ରତିଦିନ ରୋମୀ ପାରସ୍ୟମାନଙ୍କୁ ପରାଜିତ କରିବେ । ସେହିଦିନ ମୁସଲମାନମାନେ ମଧ୍ୟ ଜୟଯୁକ୍ତ ହୋଇ ଆନନ୍ଦ ଉପଭୋଗ କରିବେ । ସୁତରାଂ ଯେପରି ଏହି ଭବିଷ୍ୟତ ବାଣୀ କରାଯାଇ ଥିଲା ସେହିପରି ହିଁ ବଦର୍ ଯୁଦ୍ଧରେ ପୂରଣ ହେଲା ଏବଂ ସେପଟେ ରୋମୀମାନଙ୍କୁ ମଧ୍ୟ ବିଜୟ ଲାଭ ହେଲା । ମହାମହିମ ହଜୁର ଅନୱର[ଅ.ବ] କହିଲେ; ଏହି ଘଟଣାଚକ୍ରର ଆଲୋଚନା ଇନ୍‌ଶାଅଲ୍ଲାଃ ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ ।

ଖୁତ୍‌ବା ଜୁମାର ଶେଷରେ ପ୍ରିୟ ହଜୁର ଅନୱର[ଅ.ବ] ସ୍ୱର୍ଗୀୟ ଶ୍ରୀମାନ ଫରାସ୍ ଅଲୀ ଅବଦୁଲ୍ ୱାହିଦ୍ ସାହେବ ୟୁ.କେ ନିବାସୀଙ୍କ ଉତ୍ତମ ଚରିତ୍ର ଓ ଜମାଅତୀୟ ସେବାର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପରେ ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱିଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱିଲ୍ ମୁନ୍‌କରି ୱିଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
22nd September 2023